# APPENDIX 2

## CENTRE OF ADVANCED STUDY IN EDUCATION
## M.S.UNIVERSITY OF BARODA, BAORDA

**GUIDE** — **DR.N. PRADHAN**

**INVESTIGATOR** — **KISHORI DASH**

## ACHIEVEMENT TEST
## FOR THE NEO-LITERATE SLUM WOMEN OF ROURKELA

**No.1** Name –

Father/Husband's Name-

Age-

Caste : ST/ SC

Occupation:

Name of the slum :

Name of the city :

District :

State :

**(Excellent, Very good, Good, Very Poor, Poor)**

**No.2 Copy down the Stanza given below.**

Whether be Oriya or Telugu
Rajsthani or Gujurati ;
From Kerala, Goa or Punjab may one be,
India is our *Janma Mati*

**(Excellent, Very good, good, Poor, Very Poor)**

**No.3 Dictation (Five Words)**

**(Excellent, Very Good, Good, Poor, Very Poor)**

**No.4 Answer the questions given below in not less then ten lines.**

What are the new things you have learnt, and applied in your family after being literate ?

OR

Write a letter to your friend about the work you do for your slum as a neo-literate women through Basti Chetana Samiti.

**(Excellent, Very Good, Good, Poor, Very Poor)**

**No.5 Read a loud the passage given below.**

The sister tutor of Mahila Samiti teaches the women every evening. One day Neta narrated the story of her sufferings to her. Sister tutor asked "don't you know about the law made of the government ? Women do have an equal right like men. If you desire, you can have half of the share of your parental property. You can also get the proper wages by fighting against the contractor in the labour court."

**(Excellent, Very Good, Good, Poor, Very Poor)**

**No.6 Read Properly and Answer.**

Uncle said, "This soil, water, air, forest and mountain form our environment. We are destroying them. The human waste, affluent, and sewage of the city are being poured into river and canals, and pollute the soil, water and air. Due to this people get affected by dangerous disease like Jaundice, tuberculosis, tetanus, etc." Now Meeta understood that environment is our life. Without conservation of environment there is no way out of the human society.

(a) What does our environment consists of ?

(b) How does the water of river and canal gets polluted ?

(c) What are the various diseases affect people because of this pollution?

(d) What happens if the environment is not protected ?

**(Excellent, Very Good, Good, Poor, Very Poor)**

**No.7 Read the sentences after having seen the traffic signal given below and answer correctly to the question.**



- Road should not be crossed when there is red light in the traffic post.
- It is needed for getting ready to cross the road when there is orange light.
- Road should be crossed when there is green light in traffic post.

**Answer the following.**

(I) What happens when one crosses the road when the traffic signal is red ?

(II) When one should cross the road ?

**(Excellent, Very Good, Good, Poor, Very Poor)**

**No. 8: Add the following.**

(a) 52 + 69 = ______

(b) 70 + 38 = ______

(c) 24 Kilogram 350 grams + 15 Kilogram 250 grams = ______

**No. 9: Subtract the following.**

(a) 87 - 35 ______  (b) 69 - 42 ______  (c) 8 Meter 85 cm. - 3 Meter 55 cm. ______

(c) Rs. 75. 60 Paisa

- Rs. 44. 80 Paisa

______

**No.10: Multiply the following.**

(a) 22 X 4 ______  (b) 18 X 5 ______

**No.11: Divide the following.**

(a) 85 – 5 =

(b) Pratibha saved Rs.90/- in the Mahila Bank with in 9 months. What was her monthly saving ?

**TO BE FILLED BY THE INVESTIGATOR**

1. Name of the Neo-Literate women :
2. Age:
3. SC/ST/Other Caste
4. Name of the slum area:
5. Date of Evaluation:
6. Total Grade obtained:

Reading :

Writing :

Numeracy.:

Total:

*Signature of the Investigator*

*Date :*

# ଅଗ୍ରଗାମୀ ଶିକ୍ଷା ଅନୁଧ୍ୟାନ କେନ୍ଦ୍ର

## ଏମ୍.ଏସ୍. ବିଶ୍ୱବିଦ୍ୟାଳୟ, ବରୋଦା

ତତ୍ତ୍ୱାବଧାରକ.
ଡକ୍ଟର ନେତ୍ରାନନ୍ଦ ପ୍ରଧାନ

(ଅନୁସୂଚୀ - ୩)

ଗବେଷିକା :
କିଶୋରୀ ଦାଶ

ରାଉରକେଲା ବସ୍ତି ଅଞ୍ଚଳର ନବ ସାକ୍ଷର ମହିଳା ମାନଙ୍କ ପାଇଁ ମୂଲ୍ୟାୟନ ପତ୍ର

ରାଉରକେଲା ବସ୍ତି ଅଞ୍ଚଳର ନବ ସାକ୍ଷର ମହିଳା ମାନଙ୍କର ସାକ୍ଷରତାର ବିଭିନ୍ନ ଦିଗରେ ଯଥା ଶିକ୍ଷା ତଥା ଉତ୍ତମ ସ୍ୱାସ୍ଥ୍ୟ, ମାତା ଓ ଶିଶୁର ଯତ୍ନ, ଯୌତୁକ ପ୍ରଥା, ଜନ ସଖ୍ୟା ବୃଦ୍ଧି, ମଦ୍ୟପାନର ଅପକାରିତା, ନାରୀର ଅଧିକାର, ପରିବେଶ ସୁରକ୍ଷାର ଆବଶ୍ୟକତା, ନାରୀ ମାନଙ୍କର ଅର୍ଥନୈତିକ ସ୍ୱାବଲମ୍ବନଶୀଳତା, ଜାତୀୟ ଏକତା, ନିର୍ଣ୍ଣୟ ନେବାର କ୍ଷମତା ଆଦି ସଂପର୍କରେ ସଚେତନତାର ସ୍ତର ଜାଣିବା ନିମନ୍ତେ ମୂଲ୍ୟାଙ୍କନ ପତ୍ର :-

ନାମ -

ପିତା/ସ୍ୱାମୀଙ୍କ ନାମ -

ବୟସ - ଜାତି/ଉପଜାତି/ଅନ୍ୟାନ୍ୟ ଜାତି -

ବୃତ୍ତି - ମାସିକ ଆୟ -

ବସ୍ତିର ନାମ - ସହରର ନାମ-

ନ:୧- ପରିବାର ବଡ଼ ହେଲେ କଣ ହୁଏ ?
(କ) ଆୟବଢ଼େ (ଖ) ଅଭାବ ବଢ଼େ (ଗ) ଦୁଃଖ ବଢ଼େ

ନ:୨- ଜନସଂଖ୍ୟା ବଢ଼ିଲେ ପରିବେଶ ଉପରେ କି ପ୍ରଭାବ ପଡ଼େ ?
(କ) ପରିବେଶ ବିଶୁଦ୍ଧ ରହେ (ଖ) ଦୂଷିତ ହୁଏ (ଗ) କିଛି ହୁଏ ନାହିଁ

ନ:୩- ଘରେ ଅଧିକ ଛୁଆ ଜନ୍ମ ହେବା କାହା ଉପରେ ନିର୍ଭର କରେ ?
(କ) ବାପା ମାଆଙ୍କ ଉପରେ (ଖ) କେବଳ ବାପାଙ୍କ ଉପରେ
(ଗ) କେବଳ ମାଆଙ୍କ ଉପରେ (ଘ) ଭଗବାନଙ୍କ ଉପରେ

ନ:୪- କନ୍ୟା ସନ୍ତାନ ଜନ୍ମ ହେବା ପାଇଁ କିଏ ପୂର୍ଣ୍ଣ ମାତ୍ରାରେ ଦାୟୀ ?
(କ) ମାଆ (ଖ) ବାପା (ଗ) ବାପା ମାଆ ଉଭୟ

ନ:୫- ପିତାମାତା ସାକ୍ଷର ତଥା ସଚେତନ ହେଲେ କଣ ହୁଏ ?
(କ) ପରିବାର ବଡ଼ ଓ ଦୁଃଖୀ ହୁଏ ।
(ଖ) ପରିବାରର ଦୁଃଖ ସୁଖରେ କିଛି ଫରକ ଆସେନି ।
(ଗ) ପରିବାର ସୁଖୀ ହୁଏ ।

ନ:୬- ପରିବାରରେ ସନ୍ତାନମାନଙ୍କର ସଂଖ୍ୟାକେତୋଟି ଭିତରେ ହେବା ଉଚିତ ?

(କ) ନିର୍ଦ୍ଦିଷ୍ଟ ସୀମା ରହିବା ଉଚିତ୍ ନୁହଁ ।

(ଖ) ଗୋଟିଏ ବା ଦୁଇଟି (ଗ) ଦୁଇଟିରୁ ଅଧିକ

ନ:୭- ଝିଅମାନଙ୍କର ବାହା ହେବାର ବୟସ ଅତି କମ୍‌ରେ କେତେ ହେବା ଦରକାର ?

(କ) ୨୫ ବର୍ଷ (ଖ) ୧୮ ବର୍ଷ (ଗ) ୧୫ ବର୍ଷ

ନ:୮- ମାଆମାନେ ସାକ୍ଷର ଓ ସଚେତନ ହେଲେ କଣ ହୁଏ ?

(କ) ଘରେ ଅଶାନ୍ତି ବଢେ (ଖ) ପରିବାରର ସବୁ ପ୍ରକାର ଉନ୍ନତି ହୁଏ ।

(ଗ) କେବଳ ପିଲାଛୁଆ ମାନଙ୍କର ପଢ଼ାପଢ଼ିରେ ସୁବିଧା ହୁଏ ।

ନ:୯- ଝିଅଟିଏ ଜନ୍ମ ହେଲେ ପରିବାରର ଲୋକେ କଣ ଭାବନ୍ତି ?

(କ) ବୋଝ ଓ ଅଭିଶାପ (ଖ) ଆର୍ଶୀବାଦ ଓ ମଙ୍ଗଳମୟୀ

(ଗ) କୌଣସି ଫରକ ପଡ଼େନି

ନ:୧୦- ବିବାହିତା ଝିଅ ବୋହୁମାନେ ପାଠ ପଢ଼ିବାକୁ ଗଲେ କଣ ହୁଏ ?

(କ) ଘରକାମରେ ଅସୁବିଧା ହୁଏ (ଖ) ପରିବାରର ଲାଭ ହୁଏ

(ଗ) ଘରକାମରେ କୌଣସି ଅସୁବିଧା ହୁଏ ନାହିଁ ।

ନ:୧୧- ଝିଅମାନେ ପାଠ ପଢ଼ିବା ଦ୍ୱାରା କି ଲାଭ ହୁଏ ?

(କ) ସ୍ୱାଧିନଚେତା ହୋଇ କାହାରିକୁ ଖାତିର କରନ୍ତି ନାହିଁ ।

(ଖ) ନିଜପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗ ଉପଯୋଗ କରିପାରନ୍ତି ।

(ଗ) ସ୍ୱାବଲମ୍ବୀ ହୋଇ ପରିବାରର ଅର୍ଥନୈତିକ ପରିସ୍ଥିତିକୁ ବଦଳାଇ ଦିଅନ୍ତି ।

ନ:୧୨- ଝିଅମାନେ ସାକ୍ଷର ହୋଇ ଉପାର୍ଜନକ୍ଷମ ହେଲେ କଣ ହୁଏ ?

(କ) ଯୌତୁକ ଦେବାକୁ ପଡ଼େ ନାହିଁ (ଖ) ସମାଜରେ ସେମାନଙ୍କର ମୂଲ୍ୟ ବଢ଼େ ।

(ଗ) ପରିବାରର ମର୍ଯ୍ୟାଦା କ୍ଷୁର୍ଣ୍ଣ ହୁଏ ।

ନ:୧୩- ଯୌତୁକ ଦେବା ଓ ନେବା ଦ୍ୱାରା କଣ ହୁଏ ?

(କ) ବ୍ୟକ୍ତିର ସମାଜରେ ପ୍ରତିଷ୍ଠା ବଢ଼େ (ଖ) ଆର୍ଥିକ ସ୍ଥିତିର ଉନ୍ନତି ହୁଏ ।

(ଗ) ଅପରାଧକୁ ଜନ୍ମ ଦିଆଯାଏ ।

ନ:୧୪- ପୈତୃକ ସଂପତ୍ତିରୁ ଭାଗ ନେବାପାଇଁ ଝିଅ ମାନଙ୍କ ପାଇଁ କି କି ଆଇନ ବ୍ୟବସ୍ଥା ଅଛି ?

(କ) କୌଣସି ଅଧିକାର ପାଇ ପାରିବେ ନାହିଁ (ଖ) ପୁଅମାନଙ୍କ ଭଳି ସଂପତ୍ତିରେ ସମାନ ଅଧିକାର ପାଇପାରିବେ (ଗ) ପୈତୃକ ସଂପତ୍ତି ପାଇବା ପାଇଁ କୌଣସି ନିୟମ ନାହିଁ ।

ନ:୧୫- ସ୍ୱାମୀମାନେ ସ୍ତ୍ରୀମାନଙ୍କୁ ଘର କାମରେ ସାହାଯ୍ୟ କଲେ କଣ ହୁଏ ?

(କ) ପରିବାରର ମର୍ଯ୍ୟାଦା କ୍ଷୁର୍ଣ୍ଣ ହୁଏ ।

(ଖ) ପୁରୁଷମାନଙ୍କର ଆତ୍ମସମ୍ମାନରେ ବାଧା ଆସେ ।

(ଗ) ସ୍ତ୍ରୀମାନଙ୍କୁ ସହଯୋଗ ମିଳେ ଓ ଘରେ ଶାନ୍ତି ସ୍ଥାପନ ହୁଏ ।

ନ:୧୬- ମହିଳାମାନଙ୍କର ଆର୍ଥିକ ସ୍ଥିତିର ଉନ୍ନତି ନିମନ୍ତେ ଖୁଚୁରା ବ୍ୟବସାୟ କରିବା ପାଇଁ ବ୍ୟାଙ୍କ ଅଫ୍ ଇଣ୍ଡିଆ ଯେଉଁ ବିଶେଷ ଯୋଜନା କରିଛନ୍ତି ତାର ନାମ କଣ ?

(କ) ଇନ୍ଦିରା ବିକାଶ ଯୋଜନା (ଖ) ନେହେରୁ ଯୋଜନା

(ଗ) ପ୍ରିୟଦର୍ଶନୀ ଯୋଜନା ।

ନ:୧୭- ଅଳ୍ପ ବୟସରେ ନାରୀମାନେ ମାଆ ହେଲେ କଣ ହୁଏ ?

(କ) ପିଲା ସ୍ୱାସ୍ଥ ବାନ ହୁଏ (ଖ) ମାଆ ର ଦେହ ସୁସ୍ଥ ରହେ ।

(ଗ) ମାଆ ଦୁର୍ବଳ ହୋଇ ରୋଗୀଣା ହୁଏ ।

ନ:୧୮- ଗର୍ଭବତୀ ମହିଳାମାନଙ୍କୁ କିପରି ଖାଦ୍ୟ ଦରକାର ?

(କ) ପ୍ରଚୁର ଚର୍ବିଯୁକ୍ତ ଖାଦ୍ୟ (ଖ) ପ୍ରଚୁର ପୃଷ୍ଟିସାର ଥିବା ଖାଦ୍ୟ

(ଗ) ଆଦୌ ଖାଦ୍ୟସାର ନଥିବା ଖାଦ୍ୟ ।

ନ:୧୯- ଗର୍ଭବତୀ ମହିଳାମାନଙ୍କର କେବେ ପଞ୍ଜିକରଣ କରିବା ଦରକାର ?

(କ) ଗର୍ଭଧାରଣର ୭/୮ ମାସ ମଧ୍ୟରେ (ଖ) ଗର୍ଭଧାରଣର ୪/୫ ମାସ ମଧ୍ୟରେ

(ଗ) ପଞ୍ଜିକରଣ କରିବାର ଆବଶ୍ୟକତା ନାହିଁ ।

ନ:୨୦- ଗର୍ଭବତୀ ମହିଳାମାନଙ୍କୁ ଧନୁଷ୍ଟଙ୍କାର ରୋଗ ପ୍ରତିଷେଧକ ଇଂଜେକସନ କେବେ ଦେବା ଦରକାର ?

(କ) ଆଦୌ ଦେବାର ଆବଶ୍ୟକତା ନାହିଁ (ଖ) ୫/୬ ମାସ ବେଳକୁ

(ଗ) ପ୍ରସବ ହେବାର ଠିକ୍ ପୂର୍ବରୁ

ନ:୨୧- ଶିଶୁକୁ ମାଆ କ୍ଷୀର ଖୋଇଲେ କଣ ହୁଏ ?

(କ) ମାଆର ଶରୀର ଦୁର୍ବଳ ହୋଇଯାଏ (ଖ) ଶିଶୁଭିତରେ ରୋଗ ନିରୋଧକ ଶକ୍ତି ବଢି ଶିଶୁ ସୁସ୍ଥ ହୁଏ (ଗ) ଶିଶୁ କିମ୍ବା ମାଆ କାହାରି ସ୍ୱାସ୍ଥ ଉପରେ ଫରକ ପଡେନି ।

ନ:୨୨- ଶିଶୁମାନଙ୍କୁ କେଉଁ କେଉଁ ମାରାତ୍ମକ ରୋଗ ହେବାର ସମ୍ଭାବନା ଥାଏ ?

(କ) କର୍କଟ, କାମଳ, ପ୍ଲେଗ୍, ଡିପ୍‌ଥେରିଆ (ଖ) ପୋଲିଓ, ଟକ୍ଷ୍ମା, କଣ୍ଠଅଳତି, ଲହରାକାଶ

(ଗ) ବାତ, ବସନ୍ତ, ଚର୍ମରୋଗଜ, ହଇଜା

ନ:୨୩- ଜନ୍ମ ପରେ ପରେ ଶିଶୁମାନଙ୍କୁ କେଉଁ ଟୀକା ଦିଆଯାଏ ?

(କ) ମିଳିମିଳା ଟୀକା, (ଖ) ବି.ସି.ଜି. ଏବଂ ଡି.ପି.ଟି (ଗ) ପୋଲିଓ ବୁଷ୍ଟର

ନ:୨୪- ଶିଶୁକୁ ପୋଲିଓର ପ୍ରଥମ ମାତ୍ରା କେବେ ଦେବା ଉଚିତ ?

(କ) ଜନ୍ମ ହେବା ମାତ୍ରେ (ଖ) ଜନ୍ମ ହେବାର ଛଅ ସପ୍ତାହ ପରେ

(ଗ) ଜନ୍ମର ଛଅ ସପ୍ତାହ ବେଳକୁ

ନ:୨୫- ଶିଶୁମାନଙ୍କୁ କେତେ ବର୍ଷ ବୟସରେ ପ୍ରାଥମିକ ଶିକ୍ଷା ପାଇଁ ସ୍କୁଲକୁ ପଠାଇବା ଦରକାର ?

(କ) ତିନି ବର୍ଷରେ (ଖ) ପାଞ୍ଚ ବର୍ଷରେ (ଗ) ଛଅ ବର୍ଷରୁ ଉର୍ଦ୍ଧ୍ୱ ହେଲେ

ନ:୨୬- **ଯେଉଁ ଶ୍ରମିକ ବା ଗରିବ ଶ୍ରେଣୀର ଲୋକମାନଙ୍କର ଶିଶୁମାନେ ସ୍କୁଲକୁ ଯାଇ ପାରୁ ନାହାନ୍ତି ସେମାନେ କେଉଁଠାରେ ପାଠପଢି ପାରିବେ ?**

(କ) ସାକ୍ଷରତା କେନ୍ଦ୍ରମାନଙ୍କରେ (ଖ) ଅଣଆନୁଷ୍ଠାନିକ ଶିକ୍ଷା କେନ୍ଦ୍ରରେ

(ଗ) ସେମାନେ ପଢ଼ିବାର ଆଦୌ ଯଥାର୍ଥତା ନାହିଁ ।

ନ:୨୭- **ଶିଶୁ ଶ୍ରମିକ ଯେଉଁମାନେ ସ୍କୁଲକୁ ଯାଇପାରୁନାହାନ୍ତି ସେମାନେ କେଉଁଠାରେ ପାଠପଢି ପାରିବେ?**

(କ) ସାକ୍ଷରତା କେନ୍ଦ୍ରମାନଙ୍କରେ (ଖ) ଅଣ ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ରରେ

(ଗ) ସେମାନେ ପଢିବାର ଦରକାର ନାହିଁ

ନ:୨୮- **ଶିଶୁମାନଙ୍କୁ ଠିକ୍ ସମୟରେ ସ୍କୁଲକୁ ପଠାଇବାର ମୁଖ୍ୟ ଦାୟୀତ୍ୱ କାହାର ?**

(କ) କେବଳ ମାଆର (ଖ) ବାପାମାଆଙ୍କର (ଗ) ବାପାଙ୍କର

ନ:୨୯- **ଜନସଂଖ୍ୟା ବଢିଲେ ଦେଶର କି କ୍ଷତି ହୁଏ ?**

(କ)ମୁଣ୍ଡପିଛା ଚାଷ ଜମିର ପରିମାଣ କମିଯାଇ ଅଭାବ ବଢେ । (ଖ) ମୁଣ୍ଡପିଛା ଚାଷ ଜମିର ପରିମାଣ କମିଗଲେ ବି କିଛି କ୍ଷତି ହୁଏନି (ଗ) ମୁଣ୍ଡପିଛା ଚାଷ ଜମିର ପରିମାଣ ସିନା କମେ କିନ୍ତୁ ମାନବ ସମ୍ବଳ ବଢ଼େ ।

ନ:୩୦- **ଯାନବାହାନ, ସ୍କୁଲ କଲେଜ, ରାସ୍ତାଘାଟ ଆଦିରେ ଭୀଡ଼ କମାଇବା ପାଇଁ କଣ କରିବା ଉଚିତ ?** (କ) ଅଧିକ ମାନବ ସମ୍ବଳ ବଢାଇବା ଦରକାର (ଖ) ଜନ ସଂଖ୍ୟା କମାଇବା ଦରକାର

(ଗ) କିଛି କରିବାର ଆବଶ୍ୟକତା ନାହିଁ

ନ:୩୧- **ପରିବେଶ ସୁରକ୍ଷା ପାଇଁ ଆମକୁ କଣ କରିବା ଉଚିତ୍ ?**

(କ) ଗଛ ପତ୍ର, ଜଙ୍ଗଲ ଆଦି କାଟି ପରିବେଶ ସଫା କରିଦେବା (ଖ)ପ୍ରଚୁର ଗଛ ଲଗାଇବା

(ଗ) ଗୁଡ଼ାଏ କଳକାରଖାନା ବସାଇବା

ନ:୩୨- **କୂଅରୁ ସଫା ପାଣି ପାଇବା ପାଇଁ ଆମେ କଣ କରିବା ?**

(କ) କୂଅରେ ଚୂନ ପକାଇବା (ଖ) ସଫା ବାଲ୍‌ଟି ବ୍ୟବହାର କରିବା

(ଗ) କୂଅ ନିକଟରେ ଲୁଗା ପଟା ସଫା କରିବା ନାହିଁ

ନ:୩୩- **ବାହାରେ ଝାଡ଼ା ବସିଲେ କି କ୍ଷତି ହୁଏ ?**

(କ) କୃମିରୋଗ ହୁଏ (ଖ) ପରିବେଶ ଦୂଷିତ ହୁଏ

(ଗ) ହଇଜା ବା ଝାଡ଼ା ବାନ୍ତି ଆଦି ରୋଗ ହୁଏ

ନ:୩୪- ଶୌଚ କରିସାରିଲା ପରେ କଣ କରିବା ଉଚିତ ?

(କ) କିଛି କରିବା ନାହିଁ (ଖ) ସାବୁନ ବ୍ୟବହାର କରିବା

(ଗ) ହାତ ଗୋଡ଼କୁ ମାଟି ବା ପାଉଁଶରେ ସଫା କରିବା

ନ:୩୫- ମାଛି ବସିଥିବା ଖାଦ୍ୟ ଖାଇବା ଦ୍ୱାରା କଣ ହୁଏ ?

(କ) କାମଳ ରୋଗ ହୁଏ (ଖ) ହଇଜା ବ୍ୟାପେ (ଗ) କିଛି ହୁଏ ନାହିଁ

**ନ:୩୬- ମଶାଦାଉରୁ ରକ୍ଷା ପାଇବା ପାଇଁ କଣ କରିବା ?**

(କ) ନିୟମିତ ଘରେ ଧୂଆଁ ଦେବା (ଖ) ମଶାରୀ ବ୍ୟବହାର କରିବା

(ଗ) ଘରର ଆଖପାଖ ପରିଷ୍କାର ରଖିବା

**ନ:୩୭- ମଦ୍ୟପାନ ଓ ନିଶାଦ୍ରବ୍ୟ ସେବନ ଦ୍ୱାରା କଣ ହୁଏ ?**

(କ) ମଣିଷ ନିଜର ଚେତନା ହରାଏ (ଖ) ବ୍ୟକ୍ତି ଫୁର୍ତ୍ତି ରହେ (ଗ)ତାର ସ୍ୱାସ୍ଥର ଉନ୍ନତି ହୁଏ

(ଘ) ସମାଜରେ ସମ୍ମାନ ମିଳେ (ଙ) ତାର ସ୍ୱାସ୍ଥ୍ୟର ଅବନତି ଘଟେ

**ନ:୩୮- ରୋଗ ହେଲେ କାହା ପାଖକୁ ଯିବା ?**

(କ) ଗୁଣିଆ (ଖ) ଭାଗ୍ୟ ଉପରେ ଛାଡ଼ିଦେବା (ଗ) ଡ଼ାକ୍ତର

(ଘ) ଠାକୁରାଣୀଙ୍କୁ ପୂଜା ପାଠ କରିବା

**ନ:୩୯- ଘରେ ବା ବସ୍ତିରେ ଚୋରୀ ହେଲେ କାହାକୁ ଖବର ଦେ଼ବା ?**

(କ) ନଗର ସେବା ବିଭାଗକୁ (ଖ) ସ୍ୱାସ୍ଥ୍ୟ ବିଭାଗକୁ (ଗ) ପୋଲିସ ବିଭାଗକୁ

(ଘ) ପ୍ରଶାସନ ବିଭାଗକୁ

**ନ:୪୦- ତୁମ ବସ୍ତିରେ ନଳକୂପ ବସାଇବା ଲାଗି କାହା ପାଖକୁ ଆବେଦନ କରିବ ?**

(କ) ପୋଲିସ ବିଭାଗକୁ (ଖ) ସ୍ୱସ୍ଥ୍ୟ ବିଭାଗକୁ (ଗ) ପ୍ରସାଶନ ବିଭାଗକୁ

(ଘ) ନଗର ସେବା ବିଭାଗକୁ

**ନ:୪୧- ପରିବାରରେ ତୁମେ କାହାର ପଢା ଉପରେ ବେଶି ଗୁରୁତ୍ୱ ଦିଅ ? (ଝିଅ/ପୁଅ)**

**ନ:୪୨- ଝିଅମାନଙ୍କ ଅପେକ୍ଷା ପୁଅମାନଙ୍କୁ କାହିଁକି ପାଠପଢାରେ ବେଶୀ ଗୁରୁତ୍ୱ ଦେବା ଉଚିତ ?**

(କ) ସେମାନଙ୍କ ଉପରେ ପରିବାରର ଦାୟିତ୍ୱ ବିଶେଷଭାବେ ଥାଏ ।

(ଖ) ଝିଅମାନେ ବାହା ହୋଇ ଶାଶୁ ଘରକୁ ଚାଲି ଯାଉଥିବାରୁ ଅର୍ଥ ନଷ୍ଟ ହୁଏ ।

(ଗ) ଝିଅମାନେ ପଢିବା ଦ୍ୱାରା ନିଜର ତଥା ସାରା ପରିବାରର ଉନ୍ନତି ହୁଏ ।

**ନ:୪୩- ନିଷତ୍ତି ନେବାର ଅଧିକାର ନାରୀ ମାନଙ୍କର ପୁରୁଷ ଭଳି ରହିବା ଉଚିତ ନୁହଁ ? କାରଣ -**

(କ) ସେମାନେ ପୁରୁଷମାନଙ୍କ ଅପେକ୍ଷା ମାନସିକ ଓ ଶାରୀରିକ ଦୃଷ୍ଟିରୁ ଯଥେଷ୍ଟ ଦୁର୍ବଳ ।

(ଖ) ସେମାନେ ମଧ୍ୟ ପୁରୁଷମାନଙ୍କ ଭଳି ସବୁ ପ୍ରକାର ସାମାଜିକ ଦାୟିତ୍ୱ ତୁଲେଇ ପାରନ୍ତି ।

(ଗ) ନାରୀ ମାନଙ୍କ ବିନା ପରିବାର ଭଲ ରୂପେ ଚଳି ପାରିବନି ।

**ନ:୪୪- ପୁତ୍ର ସନ୍ତାନମାନଙ୍କ ଅପେକ୍ଷା କନ୍ୟା ସନ୍ତାନ ମାନେ ମାଆମାନଙ୍କୁ କାହିଁକି ଘରକାମରେ ସାହାଯ୍ୟ କରିବା ଉଚିତ୍ ?**

(କ) ପୁଅମାନେ ବେଶୀ ବୁଦ୍ଧିଆ ତେଣୁ ଘରକାମ ବଦଳରେ ସେମାନେ ପାଠ ପଢିବା ଉଚିତ୍ ।

(ଖ) ପୁଅ ଓ ଝିଅ ଉଭୟେ ଘର କାମ କରିବା କଥା ।

(ଗ) ପୁଅମାନେ ଘରକାମ କଲେ ସେମାନଙ୍କ ସମ୍ମାନ ହ୍ରାସ ହୁଏ ।

**ନ:୪୫- ବସ୍ତି ଅଞ୍ଚଳରେ ଦେଶୀମଦର କାରବାର କଲେ କଣ ହୁଏ ?**

(କ) କିଛି କ୍ଷତି ହୁଏ ନାହିଁ (ଖ) ଲୋକମାନଙ୍କୁ କୁପଥକୁ ଟାଣି ନିଏ ।

(ଗ) ବ୍ୟବସାୟୀକ ଦୃଷ୍ଟିରୁ ଦେଶର ଆର୍ଥିକ ସ୍ଥିତିକୁ ସୁଧାରିବାରେ ଏହା ସାହାଯ୍ୟ କରେ ।

ନ:୪୬- ନାରୀମାନେ ରାଜନୀତିରେ କାହିଁକି ଅଂଶଗ୍ରହଣ କରିବା ଉଚିତ ?

(କ) ସେମାନଙ୍କର ସାମାଜିକ ପ୍ରତିଷ୍ଠା ବଢ଼େ ।

(ଖ) ସେମାନେ ରାଜନୀତିକୁ ଆସିଲେ ତାଙ୍କର ମର୍ଯ୍ୟାଦା କ୍ଷୁର୍ଣ୍ଣ ହୁଏ ।

(ଗ) ପୁରୁଷ ମାନଙ୍କ ଭଳି ସେମାନେ ସମାନତା ହାସଲ କଲେ କରି ଦେଶର ଉନ୍ନତି ହୁଏ ।

ନ:୪୭- ଆପଣ ପ୍ରତି ମାସରେ ନିଜ ବଂଧୁବାଂଧବମାନଙ୍କ ପାଖକୁ କେତେ ଖଣ୍ଡ ଚିଠି ଲେଖନ୍ତି ?

(କ) ଖଣ୍ଡେ ଅଧେ (ଖ) ଆଦୌ ନାହିଁ (ଗ) ପ୍ରାୟ

ନ:୪୮- ଆପଣ ନିଜର ତଥା ବସ୍ତିର ମହିଳା ମାନଙ୍କର ଉନ୍ନତି ସକାଶେ କି ପ୍ରକାର କାର୍ଯ୍ୟ କ୍ରମରେ ବା ତାଲିମରେ ଅଂଶ ଗ୍ରହଣ କରିବାକୁ ବେଶୀ ଉଚିତ୍ ମନେ କରନ୍ତି ?

(କ) ମହିଳା ଜାଗୃତି ତାଲିମ (ଖ) ମାତା ଓ ଶିଶୁ ବିକାଶ ତାଲିମ

(ଗ) ନାରୀ ଓ ଆଇନ ସଂପର୍କୀତ ତାଲିମ (ଘ) ଉପାର୍ଜନ କ୍ଷମ ହେବାର ତାଲିମ

ନ:୪୯- ନାରୀ ନିର୍ଯ୍ୟାତନା ବିରୁଦ୍ଧରେ କଣ କରିବା ଉଚିତ୍ ?

(କ) ସହିଯିବା ଉଚିତ୍ (ଖ) ପୋଲିସ ଅଫିସରଙ୍କ ନିକଟରେ ରିପୋର୍ଟ କରିବା ଉଚିତ୍ ।

(ଗ) ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରାଇ ମିଳିତ ଭାବରେ ସ୍ୱର ଉଠାଇବା ଉଚିତ୍ ।

ନ:୫୦- ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବସ୍ତିରେ ସମସ୍ତେ ଏକତା ବଦ୍ଧ ହୋଇ ରହିବା ଉଚିତ ।

(କ) ବିଭିନ୍ନ ଧର୍ମ ଓ ଜାତିର ଲୋକ ଅଲଗା ଅଲଗା ରହିବା ଉଚିତ୍ ।

(ଖ) ସବୁ ଧର୍ମର ଲୋକ ମିଳି ମିଶି ରହିବା ଉଚିତ୍ ।

(ଗ) ଯିଏ ଯେଉଁଠି ରହିଲେ ବି କିଛି କ୍ଷତି ନାହିଁ ।